# NATIONAL NEWS BULLETIN (ODIA)
## 10 June - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପିଏମ୍ ଆବାସ ଯୋଜନା ଆଧାରରେ ଦେଶରେ ଆଉ ପ୍ରାୟ ୩ କୋଟି ଅତିରିକ୍ତ ଘର ନିର୍ମାଣ କରାଯିବ ବୋଲି କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇଛି ।
- ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ' ସେବାର କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାକୁ ସର୍ବଦା ପ୍ରୟାସ କରିଆସିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର **'ପଡ଼ୋଶୀ ପ୍ରଥମ ନୀତି'** ଅଧୀନରେ ଭାରତ' ନେପାଳକୁ ପ୍ରାଥମିକତା ଭିତ୍ତିରେ ଭାଗିଦାରୀଭାବେ ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଛନ୍ତି ।
- ଜାମ୍ମୁ-କାଶ୍ମୀରରେ ଯାତ୍ରୀବାହୀ ବସ୍ ଉପରେ ହୋଇଥିବା ସନ୍ତ୍ରାସବାଦ ଆକ୍ରମଣ ଘଟଣାରେ ଉପ ରାଜ୍ୟପାଳ ମୃତକଙ୍କ ପରିବାରବର୍ଗଙ୍କ ଲାଗି ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

ଏବଂ

- ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାର ଆଜିକାର ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ।

## କ୍ୟାବିନେଟ୍

ପିଏମ୍ ଆବାସ ଯୋଜନା ଆଧାରରେ ଦେଶରେ ଆଉ ପ୍ରାୟ ୩ କୋଟି ଅତିରିକ୍ତ ଘର ନିର୍ମାଣ କରାଯିବ ବୋଲି କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ସ୍ଥିତ ତାଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ନୂତନ ଏନ୍‌ଡିଏ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରୁ ଏହି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ନବନିର୍ମିତ ୩ କୋଟି ଘରକୁ ଶୌଚାଳୟ, ଏଲ୍‌ପିଜି, ବିଜୁଳି ଏବଂ ପାଣି ସଂଯୋଗ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ୪ କୋଟି ୨୧ ଲକ୍ଷ ଘର ପିଏମ୍ ଆବାସ ଯୋଜନା ଅଧୀନରେ ନିର୍ମାଣ କରାଯାଇଥିଲା। ଆଗାମୀ ଦିନରେ ଗ୍ରାମୀଣ କ୍ଷେତ୍ରରେ ସମସ୍ତଙ୍କ ଲାଗି ଘର ଯୋଗାଇବାର ଲକ୍ଷ୍ୟ ନେଇ ପଦକ୍ଷେପ ନିଆଯିବ ବୋଲି କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି।

# ମୋଦୀ-ପିଏମ୍ଓ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ–ପି.ଏମ୍.ଓ କୁ ସେବାର କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାକୁ ସର୍ବଦା ପ୍ରୟାସ କରିଆସିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଏଥିସହିତ ଏହା ଯେଭଳି ଜନସାଧାରଣଙ୍କ ପି.ଏମ୍.ଓ. ଭାବେ କାର୍ଯ୍ୟ କରିପାରିବ ସେଥିଲାଗି ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। କ୍ରମାଗତ ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଗତକାଲି ଶପଥ ନେବାପରେ ଆଜି ପି.ଏମ୍.ଓ.ର ଅଧିକାରୀ ଏବଂ କର୍ମଚାରୀମାନଙ୍କ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଦେଶ ଯାହା ହାସଲ କରିପାରିଛି ଏହାଠୁ ଅଧିକ ସଫଳତା ହାସଲ କରିବା ଲାଗି କାର୍ଯ୍ୟ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ପି.ଏମ୍.ଓ. ର ଅଧିକାରୀ ଏବଂ କର୍ମଚାରୀମାନେ ଦେଶକୁ ଏକ ନୂତନ ଶିଖରରେ ପହଁଞ୍ଚାଇପାରିବେ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଚଳିତ ନିର୍ବାଚନର ବିଜୟ' କେନ୍ଦ୍ର ସରକାରଙ୍କ ପ୍ରତ୍ୟେକ କର୍ମଚାରୀଙ୍କ ବିଜୟ ବୋଲି ସେ ଅଭିହିତ କରିବା ସହିତ ଏକ ବିକଶିତ ଭାରତ ଭିଜନ ହାସଲ କରିବା ଦିଗରେ ସେମାନେ କୌଣସି ସୁଯୋଗ ହାତଛଡ଼ା କରିନାହାଁନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ଆଗାମୀ ଦିନରେ ଏକ ନୂତନ ଶକ୍ତି ଓ ସାହସର ସହିତ ସେ ଆଗେଇବାକୁ ଚାହାଁନ୍ତି ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି।

# ପିଏମ୍ କିଶାନ

କୃଷି କ୍ଷେତ୍ର ଓ କୃଷକ କଲ୍ୟାଣ ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ କୃଷକ ଏବଂ କୃଷିକ୍ଷେତ୍ର ପାଇଁ ସରକାର ଆହୁରି ଅଧିକ କାର୍ଯ୍ୟକ୍ରମ ହାତକୁ ନେବେ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ନିଷ୍ପତ୍ତି ସ୍ୱରୂପ ଆଜି ପି.ଏମ୍. କିଶାନ ସମ୍ମାନ ନିଧିର ୧୭ତମ କିସ୍ତି ପ୍ରଦାନ କରିବା ଅବସରରେ ଏହା କହିଛନ୍ତି। ଏହି କିସ୍ତିରେ ୯ କୋଟି ୩୦ ଲକ୍ଷ ଚାଷୀଙ୍କୁ ୨୦ ହଜାର କୋଟି ଟଙ୍କା ବଣ୍ଟନ କରାଯିବ ।

ସୂଚନାଯୋଗ୍ୟ ୨୦୧୯ ମସିହାରେ ପି.ଏମ୍. କିଶାନ ଯୋଜନା ଆରମ୍ଭ କରାଯାଇଥିଲା । ଏହି ଯୋଜନାରେ ହିତାଧିକାରୀଙ୍କୁ ବାର୍ଷିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ୩ଟି କିସ୍ତିରେ ଏହି ଅର୍ଥ ପ୍ରଦାନ କରାଯାଉଛି । ଏହି ଯୋଜନାରେ ୧୧ କୋଟିରୁ ଅଧିକ କୃଷକ ପରିବାର ଉପକୃତ ହେଉଛନ୍ତି ।

## ଇଣ୍ଡିଆ-ନେପାଳ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର **'ପଡ଼ୋଶୀ ପ୍ରଥମ ନୀତି'** ଅଧୀନରେ ଭାରତ' ନେପାଳକୁ ପ୍ରାଥମିକତା ଭିତ୍ତିରେ ଭାଗିଦାରୀଭାବେ ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଭବନଠାରେ ଆଜି ଭାରତ ଗସ୍ତରେ ଥିବା ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡଙ୍କ ସହିତ ସାକ୍ଷାତ ଆଲୋଚନା ସମୟରେ ଶ୍ରୀମତୀ ମୁର୍ମୁ ଏହା କହିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସଶକ୍ତ ତଥା ଅଭିନବ କରିବା ଦିଗରେ ଭାରତର ପ୍ରତିଶ୍ରୁତିବଦ୍ଧତା ସମ୍ପର୍କରେ ରାଷ୍ଟ୍ରପତି ଶ୍ରୀ ପ୍ରଚଣ୍ଡଙ୍କୁ ଅବଗତ କରାଇଛନ୍ତି। ବିଭିନ୍ନ ଆପୋଷ ସ୍ୱାର୍ଥଜନିତ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିବା ଦିଗରେ ଦୁଇନେତା ଏହି ଅବସରରେ ଆଲୋଚନା କରିଛନ୍ତି।

## ଜେକେ ଏନ୍‌ଆଇଏ ଟିମ୍

ଜାମ୍ମୁ-କାଶ୍ମୀରର ରିଆସି ଜିଲ୍ଲାର ପୋନିଠାରେ ଏକ ଯାତ୍ରୀବାହୀ ବସ୍ ଉପରେ ହୋଇଥିବା ସନ୍ତ୍ରାସବାଦ ଆକ୍ରମଣ ଘଟଣାରେ ସ୍ଥାନୀୟ ପୁଲିସକୁ ସହଯୋଗ କରିବା ନିମନ୍ତେ ଜାତୀୟ ତଦନ୍ତକାରୀ ଦଳ-ଏନ୍.ଆଇ.ଏ.ର ଏକ ଟିମ୍ ଆଜି ସେଠାରେ ପହଁଞ୍ଚିଛନ୍ତି। ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ସନ୍ତ୍ରାସବାଦୀଙ୍କୁ ଧରିବା ଲାଗି ସୁରକ୍ଷାକର୍ମୀଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ ଘେରାଉ କରାଯିବା ସହିତ

ସର୍ଚ୍ଚ ଅପରେସନ୍ ଜାରି ରହିଛି। ଗତକାଲି ସମ୍ପୃକ୍ତ ବସ୍‌ଟି ୫୩ ଜଣ ଶ୍ରଦ୍ଧାଳଙ୍କୁ ନେଇ ଶିଖୋରି ମନ୍ଦିରରୁ ମାତା ବୈଷ୍ଣୋଦେବୀ ପୀଠକୁ ଯିବା ସମୟରେ ସନ୍ତ୍ରାସବାଦୀମାନେ ଏହା ଉପରକୁ ଗୁଳିମାଡ଼ କରିଥିଲେ। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ନିକଟରେ ଥିବା ଏକ ଗଭୀର ଖାଲ ଭିତରକୁ ଖସି ପଡ଼ିଥିଲା। ଏହି ବସ୍‌ରେ ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀର ପର୍ଯ୍ୟଟକ ଶ୍ରଦ୍ଧାଳୁମାନେ ମାତାଙ୍କ ପୀଠକୁ ଦର୍ଶନ ନିମନ୍ତେ ଯାଉଥିଲେ। ଏହି ଦୁର୍ଘଟଣାରେ ରାଜସ୍ଥାନର ଏକ ଦୁଇ ବର୍ଷର ଶିଶୁ, ଉତ୍ତରପ୍ରଦେଶର ଜଣେ ୧୪ ବର୍ଷର ବାଳକଙ୍କ ସମେତ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ସେନାବାହିନୀ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବାହିନୀର ଯବାନମାନଙ୍କୁ ସମ୍ପୃକ୍ତ ସ୍ଥାନରେ ମୁତୟନ କରାଯାଇଛି। ଦୁର୍ଘଟଣା ଘଟିଥିବା ସ୍ଥାନର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡ଼ିକ ଗଭୀର ଜଙ୍ଗଲ ହୋଇଥିବା ଦୃଷ୍ଟିରୁ ଡ୍ରୋନ୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ବସ୍‌ର ଯାତ୍ରୀମାନଙ୍କୁ ଖୋଜାଖୋଜି କରାଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଜେକେ ଅପରେସନ୍ ଲଞ୍ଚ

ଜାମ୍ମୁ-କାଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନା ସନ୍ତ୍ରାସବାଦ ଆକ୍ରମଣକୁ ଅତ୍ୟନ୍ତ ଘୃଣ୍ୟ କାର୍ଯ୍ୟ ବୋଲି କହିଛନ୍ତି।  ଆଜି ଏହି ଦୁର୍ଘଟଣାରେ ଆହତ ମାନଙ୍କୁ ହସ୍‌ପିଟାଲରେ ଭେଟି ଗଣମାଧ୍ୟମକୁ ସେ ଏହା କହିଛନ୍ତି। ଶ୍ରୀ ସିହ୍ନା କହିଛନ୍ତି, ଏଭଳି ଘୃଣ୍ୟ କାର୍ଯ୍ୟକୁ ଅତ୍ୟନ୍ତ

ଦୃଢ଼ତାର ସହ ମୁକାବିଲା କରାଯିବ। ଏହି ଆକ୍ରମଣ ପଛରେ ଯିଏବି ଥାଆନ୍ତୁ ନା କାହିଁକି କାହାରିକୁ ବି ଛଡ଼ା ଯିବ ନାହିଁ ବୋଲି ସେ କହିଛନ୍ତି। ଶ୍ରୀ ସିହ୍ନା ଗତକାଲି ଏହି ଦୁର୍ଘଟଣା ଘଟିବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ତାଙ୍କ ସଙ୍ଗେ ଯୋଗାଯୋଗରେ ରହିବା ସହିତ ପରିସ୍ଥିତି ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଶ୍ରୀ ସିହ୍ନା ଏହି ଦୁର୍ଘଟଣାରେ ମୃତକମାନଙ୍କ ଆତ୍ମୀୟସ୍ୱଜନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିବା ବେଳେ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମଣିପୁର ଆଟାକ

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବିରେନ ସିଂଙ୍କ ସୁରକ୍ଷା କାରକେଡ୍ ଟିମ୍ ଉପରେ ଆଜି ପୂର୍ବାହ୍ନରେ କେତେକ ସଶସ୍ତ୍ର ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କାଙ୍ଗ–ପୋକ୍ପି ଜିଲ୍ଲାର ନ୍ୟୁ–କିଥେଲମାନବି ନିକଟବର୍ତ୍ତୀ ଜାତୀୟ ରାଜପଥ ୩୭ର କୋଟଲେନ୍ ସୀନମ୍ ଗ୍ରାମଠାରେ  ଏହି ଆକ୍ରମଣ ହୋଇଥିବା ଜଣାଯାଇଛି। ତେବେ ମୁଖ୍ୟମନ୍ତ୍ରୀ ଏହି ସମୟରେ କାରପେଟ୍ ଟିମ୍ ସହ ନ ଥିବା ଜଣାଯାଇଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ସିଂ କାଙ୍ଗ–ପୋକ୍ପି ଜିଲ୍ଲା ଗସ୍ତ କରି ସେଠାରେ ସମ୍ପ୍ରତି ସାମ୍ପ୍ରଦାୟିକ ଉତ୍ତେଜନା ଦେଖା ଦେଇଥିବା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିବା ସହିତ ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଥିବା ପ୍ରଭାବିତ ପରିବାରବର୍ଗଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି

ଦୁର୍ଘଟଣାରେ ଜଣେ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି । ଦୁର୍ଘଟଣାସ୍ଥଳରେ ଅତିରିକ୍ତ ସୁରକ୍ଷା ବଳୟ ମୁତୟନ କରାଯିବା ସହିତ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ଲାଗି ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର  ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଆଜି ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି **'ଏକ ସ୍ଥାୟୀ ଭବିଷ୍ୟତ ପାଇଁ ବର୍ଜ୍ୟବସ୍ତୁ ପରିଚାଳନା'** । ଅର୍ଥନୀତି ବିଶେଷଜ୍ଞ ଡକ୍ଟର ସୁନୀଲ ପାଣ୍ଡେ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବିଶେଷଜ୍ଞ ସ୍ୱାତୀ ସିଂ ସାନ୍ୟାଲ୍  ଏଥିରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କର ଏ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ 011-23314444 ଏବଂ 011-23421050 ନମ୍ବରକୁ ରାତି ସାଢ଼େ ୯ଟାରୁ ଡାଏଲ୍ କରି ନିଜ ନିଜ ପ୍ରଶ୍ନ ପଚାରିପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ମାଧ୍ୟମରେ ମଧ୍ୟ ପ୍ରଶ୍ନ ପଚାରି ପାରିବେ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ରେବନ୍ନା-କଷ୍ଟଡି

ଜନତା ଦଳ ଏସ୍. ନେତା ପ୍ରଜ୍ୱଳ ରେବନ୍ନାଙ୍କ ବିଚାର ବିଭାଗୀୟ ହାଜତ ଅବଧିକୁ ବେଙ୍ଗାଲୁରୁର ଏକ ଅଦାଲତ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଯୌନ ନିର୍ଯାତନା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଶ୍ରୀ ରେବନ୍ନାଙ୍କୁ ଗତ ମାସ ୩୦ ତାରିଖ ଦିନ ବେଙ୍ଗାଲୁରୁ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା। ଏହି ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଅଧିକ ଅନୁସନ୍ଧାନ ଲାଗି ଶ୍ରୀ ରେବନ୍ନାଙ୍କୁ ନିଜ ହେପାଜତରେ ରଖିବା ଲାଗି ଆବଶ୍ୟକ ନାହିଁ ବୋଲି ଜଣାଇବା ପରେ ଅଦାଲତ ଏହି ନିଷ୍ପତ୍ତି ନେଇଛନ୍ତି।

## ମଣିପୁର ଟିମ୍

ଘୂର୍ଣ୍ଣିବାତ୍ୟା ଯୋଗୁଁ ଗତ ମାସରେ ମଣିପୁରରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ଲାଗି ଏକ କେନ୍ଦ୍ରୀୟ ମନ୍ତ୍ରଣାଳୟ ଟିମ୍ ଆଜି ରାଜ୍ୟ ଗସ୍ତ କରିଛନ୍ତି। ଗତ ମାସ ୫ ତାରିଖ ଦିନ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ ଥଉବାଲ ଜିଲ୍ଲାରେ ଫସଲ, ଘର, ଯାନବାହନ ସମେତ ଜନଜୀବନ କ୍ଷୟକ୍ଷତି ହୋଇଥିଲା। କ୍ଷୟକ୍ଷତିର ଆକଳନ କରିବା ଲାଗି ଏହି ୪ ଜଣିଆ କେନ୍ଦ୍ରୀୟ ମନ୍ତ୍ରଣାଳୟ ଦଳ ସେଠାରେ ପହଁଞ୍ଚି ସ୍ଥିତି ସମୀକ୍ଷା କରିବା ସହିତ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି।

# ଟି-୨୦ ମ୍ୟାଚେସ୍

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାର ଆଜିକାର ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ।

ଅନ୍ୟପକ୍ଷରେ ଗତକାଲି ଆଣ୍ଟିଗୁଆର ସାର୍ ଭିଭିଆନ୍ ରିଚାର୍ଡସ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ’ ଓମାନ୍‌କୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଓମାନ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ହରାଇ ୧୫୦ ରନ୍ କରିଥିଲା। ୧୫୧ ରନ୍ ବିଜୟ ଲକ୍ଷ୍ୟର ପିଛା କରି ସ୍କଟଲାଣ୍ଡ ୧୩ ଓଭରରେ ୭ ଓ୍ୱିକେଟ୍ ବାକିଥାଇ ନିର୍ଦ୍ଧାରିତ ରନ୍ ହାସଲ କରିଥିଲା।

ଅନ୍ୟପକ୍ଷରେ ଗ୍ୱାଆନର ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଓ୍ୱେଷ୍ଟଇଣ୍ଡିଜ୍ ଉଗାଣ୍ଡାକୁ ୧୩୪ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଓ୍ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଉଗାଣ୍ଡା ୧୨ ଓଭରରେ ମାତ୍ର ୩୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।